# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**23 February – 2026**

---

## ମହାନଦୀ ଜଳବିବାଦ

ମହାନଦୀ ଜଳ ବିବାଦ ପ୍ରାଧିକରଣର ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବେଦୀ ଓ ଅନ୍ୟ ୨ଜଣ ସଦସ୍ୟଙ୍କୁ ନେଇ ଗଠିତ ମହାନଦୀ ଜଳବିବାଦ ପ୍ରାଧିକରଣ ଆସନ୍ତା ୨୬ ତାରିଖରୁ ଓଡ଼ିଶା ଗସ୍ତରେ ଆସିବେ । ଛତିଶଗଡ ଓ ଓଡ଼ିଶାର ଅଧିକାରୀଙ୍କ ସହ ୭ ଜଣିଆ ଦଳ ହୀରାକୁଦ ଜଳଭଣ୍ଡାର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବେ । ମହାନଦୀ ଜଳବିବାଦ ପ୍ରାଧିକରଣ ୨୮ ତାରିଖରେ ପୁରୀ, କୋଣାର୍କ ଓ ମାର୍ଚ୍ଚ ୨ ତାରିଖରେ ଚିଲିକା ସମୁଦ୍ର ମୁହାଣ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

ପ୍ରାଧିକରଣଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଝାରସୁଗୁଡା, ସମ୍ବଲପୁର ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାପାଳଙ୍କୁ ସମସ୍ତ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ଦାୟିତ୍ୱ ଦେଇଛନ୍ତି ।

## ମିଶନଶକ୍ତି

ମିଶନଶକ୍ତି ଜରିଆରେ ରାଜ୍ୟର ଲକ୍ଷାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଡିଜିଟାଲ ଭାବେ ସଶକ୍ତ ହୋଇପାରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି । ଭୁବନେଶ୍ୱରସ୍ଥିତ ମିଶନଶକ୍ତି ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଚଳିତ ଆର୍ଥିକ ବର୍ଷର ବିଭିନ୍ନ କାର୍ଯ୍ୟକଳାପ

ସମ୍ପର୍କରେ ସମୀକ୍ଷା କରି ଶ୍ରୀମତୀ ପରିଡ଼ା କହିଛନ୍ତି ମିଶନଶକ୍ତି ବିଭାଗ ମହିଳାମାନଙ୍କୁ ସଫଳ ଉଦ୍ୟୋଗୀ ତଥା ସମାଜର ଅଗ୍ରଗାମୀ ନେତୃତ୍ୱ ଭାବେ ଗଢ଼ିତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## ଆର୍‌ବିଆଇ

ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରରେ ନୂଆ ଉଚ୍ଚସୁରକ୍ଷା ସମ୍ପନ୍ନ ଡାଟାସେଣ୍ଟର ପ୍ରତିଷ୍ଠା କରିଛି । ରାଜ୍ୟରେ ଆର୍ଥିକ ଭିତ୍ତିଭୂମି ସୁରକ୍ଷାକୁ ଆହୁରି ଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରତିଷ୍ଠା କରାଯାଇଥିବା ଏହି କେନ୍ଦ୍ର ଆର୍‌ବିଆଇ ମୁଦ୍ରା ପରିଚାଳନା ଓ ଦେୟ କାରବାର ସହଜ ହୋଇପାରିବ । ଅନ୍ୟପକ୍ଷରେ ସାଇବର ଆକ୍ରମଣରୁ ସୁରକ୍ଷା ଯୋଗାଇବା କ୍ଷେତ୍ରରେ ଏହି କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି ।

## ସାଇବର ଅଭିଯାନ-କବଚ

ଓଡ଼ିଶା ରାଜ୍ୟ ପୁଲିସ୍ ବିଭାଗ ପକ୍ଷରୁ ଗତ ୧୦ ଦିନ ଧରି ଜାରି ରହିଥିବା ସାଇବର ଅଭିଯାନ-କବଚ ଅଧୀନରେ ଅଦ୍ୟାବଧି ୩ ହଜାର ୬୨୫ଟି ବେନାମୀ ବ୍ୟାଙ୍କ ଖାତା ଯାଞ୍ଚ କରାଯାଇଛି ଏବଂ ୧୮୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୁଲିସ୍ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସାଇବର ଅପରାଧ ଶାଖା ପକ୍ଷରୁ ଜାରି ରହିଥିବା ଏହି ଅଭିଯାନରେ ସିଆଇଡି, କ୍ରାଇମବ୍ରାଞ୍ଚ ସାମିଲ ହୋଇଛନ୍ତି। ସାଇବର ଅପରାଧୀମାନଙ୍କର ଆର୍ଥିକ ଭିତ୍ତିଭୂମିକୁ ଦୁର୍ବଳ କରିବା ଏହି ଅଭିଯାନର ଲକ୍ଷ୍ୟ। ଲୋକମାନଙ୍କୁ ଡିଜିଟାଲ କାରବାର ସୁରକ୍ଷା ପାଇଁ ଓଡ଼ିଶା ପୁଲିସ୍ ପ୍ରତିଶ୍ରୁତିବଦ୍ଧ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିୟା କହିଛନ୍ତି। ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡାକଡି ହେବ ବୋଲି ଶ୍ରୀ ଖୁରାନିୟା କହିଛନ୍ତି।

## ଆତ୍ମରକ୍ଷା କୌଶଳ ଶିବିର

ରାଜ୍ୟରେ ଥିବା ସମସ୍ତ ମହାବିଦ୍ୟାଳୟଗୁଡ଼ିକୁ ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆୟୋଜନ ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ପ୍ରଶିକ୍ଷଣ ଶିବିରର ସମ୍ପୂର୍ଣ୍ଣ ବିବରଣୀ ଏପ୍ରିଲ ମାସ ୩୦ ତାରିଖ ସୁଦ୍ଧା ରାଜ୍ୟ ସରକାରଙ୍କ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲରେ ଅପଲୋଡ କରିବା ପାଇଁ କୁହାଯାଇଛି।

# ଚନ୍ଦ୍ରଗ୍ରହଣ

ଚଳିତବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ଆସନ୍ତା ମାସ ୩ ତାରିଖ ଦୋଳ ପୂର୍ଣ୍ଣିମାରେ ସଂଗଠିତ ହେବ । ଅପରାହ୍ଣ ୩ଟା ୨୦ ମିନିଟ୍‌ରେ ଗ୍ରହଣ ଆରମ୍ଭ ହୋଇ ୩ଘଣ୍ଟା ୨୭ ମିନିଟ୍ ପରେ ଅର୍ଥାତ୍ ସଂଧ୍ୟା ୬ଟା ୪୭ ମିନିଟ୍‌ରେ ସର୍ବମୋକ୍ଷ ହେବ । ଏହି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଓଡ଼ିଶା ସମେତ ଅନ୍ୟ ୬ଟି ରାଜ୍ୟରେ ସ୍ପଷ୍ଟ ଦୃଶ୍ୟମାନ ହେବ ବୋଲି ଜଣାପଡିଛି ।

## ଆମ ଗୌରବ ଆମ କଲେଜ

ରାଜ୍ୟ ସରକାରଙ୍କର 'ଆମ ଗୌରମ ଆମ କଲେଜ୍' ଯୋଜନାରେ ୧୧ଟି କଲେଜ୍ ଏବଂ ଗୋଟିଏ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ୧ କୋଟି ୭୩ ଲକ୍ଷ ଟଙ୍କା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଛି। ପାଣ୍ଠି ବିନିଯୋଗ କରାଯାଇ କଲେଜ୍‌ଗୁଡ଼ିକରେ ଇଣ୍ଟରନେଟ୍ ସୁବିଧା, ସିସିଟିଭି ବ୍ୟବସ୍ଥା, ପାଠାଗାର ଓ ପରୀକ୍ଷାଗାର ଗୁଡ଼ିକର ଉନ୍ନତୀକରଣ ଏବଂ କ୍ରୀଡାର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ କୁହାଯାଇଛି।

# ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିର

ଗଞ୍ଜାମ ଜିଲ୍ଲା ମନ୍ତ୍ରୀଡିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ମିଶ୍ରିତ ମତ୍ସ୍ୟଚାଷ ସମନ୍ଧୀୟ ୫ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି । ହାଇଦ୍ରାବାଦସ୍ଥିତ ରାଷ୍ଟ୍ରୀୟ ମତ୍ସ୍ୟ ବିକାଶ ବୋର୍ଡ ପ୍ରଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷର ଗୁରୁତ୍ୱ ଓ ଗ୍ରାମୀଣ ରୋଜଗାର ଉପରେ ଆଲୋଚନା ହୋଇଥିଲା ।

# ସଚେତନତା ଶିବିର

ବାଲ୍ୟବିବାହ ଓ ସାଇବର ଅପରାଧ ରୋକିବା ନେଇ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ବାଲ୍ୟବିବାହର କୁ-ପରିଣାମ ଏବଂ ସାଇବର ଠକେଇରୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା ।

# ନାଟକେଶ୍ୱରୀ ଯାତ୍ରା

ମାଲକାନଗିରି ଜେଲ୍ ସାହିରେ ମା’ ନାଟକେଶ୍ୱରୀ ଯାତ୍ରା ଆରମ୍ଭ ହୋଇଛି । ୧୯୦ଟି ଗ୍ରାମର ଗ୍ରାମଦେବୀ ମାଉଲୀ ମା’ଙ୍କ ମନ୍ଦିରରେ ଏକତ୍ର ହେବାପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ନୃତ୍ୟସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ହକି ଚାମ୍ପିୟନସିପ୍

ରାଉରକେଲାସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ୨୫ତମ ରାଜ୍ୟ ପୁଲିସ ହକି ଚାମ୍ପିୟନସିପ୍ ୨୦୨୬ ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତା ପୁଲିସ

ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ସୃଷ୍ଟି କରିବ ବୋଲି ଏହାକୁ ଉଦ୍‌ଘାଟନ କରି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ କହିଛନ୍ତି । ରାଜ୍ୟର ବିଭିନ୍ନ ରେଞ୍ଜ ଏବଂ ବାଟାଲିୟନରୁ ୧୪ଟି ପୁଲିସ ଟିମ୍ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ଦିନରେ ଗତକାଲି ୧୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଆସନ୍ତାକାଲି ଏହି ଚାମ୍ପିୟନସିପ୍ ଉଦ୍‌ଯାପିତ ହେବ ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପଶ୍ଚିମ ଉତ୍ତରପଶ୍ଚିମ ଦିଗରେ ଗତି କରୁଛି । ଆସନ୍ତା ୪୮ଘଣ୍ଟା ମଧ୍ୟରେ ଏହା ଉତ୍ତରପୂର୍ବ ଦିଗରେ ଗତିକରି ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ପହଞ୍ଚିବ । ଲଘୁଚାପ ପ୍ରଭାବରେ ଆଜି ଓ ଆସନ୍ତାକାଲି ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି ।